# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 10 September - 2024

### News Editor : Tapan Kumar Moharana

*******************************

## ମୁଖ୍ୟ ସମ୍ବାଦ

- ଚଳିତ ଆର୍ଥିକବର୍ଷ ପାଇଁ ବ୍ୟୟ ମଞ୍ଜୁରୀ ବିଧେୟକ ବିଧାନସଭାରେ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ
- ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ ୧ ହଜାର ୧୪୫ଟି ହାତୀ ଏବଂ ୫୫ଟି ବାଘଙ୍କ ମୃତ୍ୟୁ ନେଇ ବିଧାନସଭାରେ ସୂଚନା ଦେଲେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ
- ଓଡ଼ିଶା ପୌର ଅଧିନିୟମ ୧୯୫୦ ଏବଂ ଗ୍ରାମୀଣ ସହର ନୀତି ନିୟମାବଳୀକୁ ପୂରଣ କରୁଥିବା ଅଞ୍ଚଳଗୁଡ଼ିକୁ ଏନ୍.ଏ.ସିର ମାନ୍ୟତା ଦିଆଯିବ

ଏବଂ

- ରାଜ୍ୟରେ ବର୍ଷାର ପ୍ରଭାବ ହ୍ରାସ ଯୋଗୁଁ ବନ୍ୟାସ୍ଥିତିରେ ଆସିଛି ସୁଧାର

## ବିଧାନସଭା-ବ୍ୟୟ ମଞ୍ଜୁରୀ ବିଧେୟକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ବ୍ୟୟ ମଞ୍ଜୁରୀ ବିଧେୟକ ଆଗତ କରିଛନ୍ତି। ବ୍ୟୟ ମଞ୍ଜୁରୀ ବିଲ୍ ବିଧାନସଭାରେ ପାରିତ ହେବା ପରେ ଚଳିତବର୍ଷ ପାଇଁ ବଜେଟ୍‌କୁ ଅନୁମୋଦନ ମିଳିବ। ଉଭୟ ଶାସକ ଏବଂ ବିରୋଧୀ ଦଳ ସଦସ୍ୟମାନେ ବିଧେୟକ ଉପରେ ଆଲୋଚନାରେ ସାମିଲ ହୋଇଛନ୍ତି। ବିଜେଡି ସଦସ୍ୟ ଅରୁଣ ସାହୁ କଂଗ୍ରେସ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ବିଜେପି ସଦସ୍ୟ ସନାତନ ବିଜୁଳି ପ୍ରମୁଖ ଆଲୋଚନାରେ ଭାଗ ନେଇଛନ୍ତି। ଆଲୋଚନା ଶେଷରେ ମୁଖ୍ୟମନ୍ତ୍ରୀ ଗୃହରେ ଉତ୍ତର ଦେବା ପରେ ବିଧେୟକ ପାରିତ ହେବ। ସୂଚନାଯୋଗ୍ୟ, ଚଳିତବର୍ଷ ରାଜ୍ୟର ଆର୍ଥିକ ବଜେଟ୍‌ର ପରିମାଣ ୨ ଲକ୍ଷ ୬୫ ହଜାର କୋଟି ଟଙ୍କା ରହିଛି।

## ବିଧାନସଭା-ଜଳଜୀବନ ମିଶନ

ଜଳଜୀବନ ମିଶନ ଅଧିନରେ ରାଜ୍ୟରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି। ବିଧାନସଭାରେ ଆଜି ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ଶ୍ରୀ ନାୟକ କହିଛନ୍ତି, ପୁରୀ ଏବଂ ଖୋର୍ଦ୍ଧା ଜିଲ୍ଲାରେ ପାନୀୟ ଜଳ ସମସ୍ୟାର ଦୂରୀକରଣ ପାଇଁ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ବିଳମ୍ବିତ ପ୍ରକଳ୍ପ କାର୍ଯ୍ୟରେ ସଂଶ୍ଲିଷ୍ଟ

କର୍ମଚାରୀଙ୍କ ବିରୁଦ୍ଧରେ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ ଗୃହରେ କହିଛନ୍ତି । ନିଜ ଅଞ୍ଚଳର ଆବଶ୍ୟକତା ସମ୍ପର୍କରେ ସଦସ୍ୟମାନେ ପାନୀୟ ଜଳ ବିଭାଗକୁ ଲିଖିତ ଆକାରରେ ଜଣାଇଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ।

## ବିଧାନସଭା-ବାଘ-ହାତୀ ମୃତ୍ୟୁ

ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ ୧ ହଜାର ୧୪୫ଟି ହାତୀଙ୍କର ମୃତ୍ୟୁ ହୋଇଛି ବୋଲି ବିଧାନସଭାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି । ୭୧୯ଟି ହାତୀଙ୍କର ବିଭିନ୍ନ କାରଣରୁ ମୃତ୍ୟୁ ହୋଇଥିବାବେଳେ ୪୧ଟି ହାତୀ ଶିକାରୀଙ୍କ ଦ୍ୱାରା ମରିଛନ୍ତି ।

ସେହିଭଳି ଗତ ୧୦ ବର୍ଷ ଭିତରେ ମୋଟ୍ ୫୫ଟି ବାଘଙ୍କର ମୃତ୍ୟୁ ହୋଇଛି । ୪୮ଟି କଲରା ପତରିଆ ବାଘ ଏବଂ ୭ଟି ମହାବଳ ବାଘଙ୍କର ମୃତ୍ୟୁ ହୋଇଥିବା ନେଇ ବିଭାଗୀୟ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଗୃହରେ ତଥ୍ୟ ରଖିଛନ୍ତି ।

## ସୁଖୋଇ ଇଞ୍ଜିନ୍

କୋରାପୁଟ ଜିଲ୍ଲା ସୁନାବେଡା ସ୍ଥିତ ହିନ୍ଦୁସ୍ତାନ ଏରୋନୋଟିକ୍ସ ଲିମିଟେଡ୍‌ରେ ସୁଖୋଇ ଯୁଦ୍ଧ ବିମାନ ନିର୍ମାଣ କରାଯିବ । ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟି ବୈଠକରେ ଏହାକୁ ଅନୁମୋଦନ ମିଳିଛି । ହିନ୍ଦୁସ୍ତାନ

ଏରୋନୋଟିକ୍ସ ଲିମିଟେଡ୍‌କୁ ୨୬ ହଜାର କୋଟି ଟଙ୍କା ବ୍ୟୟ ଅଟ୍ଟକଳରେ ୨୪୦ଟି ଏରୋ-ଇଞ୍ଜିନ୍ ନିର୍ମାଣ ଦାୟିତ୍ୱ ଦେବା ସଂକ୍ରାନ୍ତ ପ୍ରସ୍ତାବକୁ କ୍ୟାବିନେଟ୍ କମିଟି ମଞ୍ଜୁରୀ ଦେଇଛନ୍ତି।

ନୂଆଦିଲ୍ଲୀରେ ପ୍ରତିରକ୍ଷା ସଚିବ ଗିରିଧର ଅର୍‌ମାନେ ଏବଂ ବାୟୁସେନା ମୁଖ୍ୟ ଏୟାର ମାର୍ଶାଲ ଭି.ଆର. ଚୌଧୂରୀଙ୍କ ଉପସ୍ଥିତିରେ ଏ ନେଇ ଗତକାଲି ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଚୁକ୍ତି ଅନୁଯାୟୀ, ହିନ୍ଦୁସ୍ତାନ ଏରୋନେଟିକ୍ସ ବର୍ଷକୁ ୩୦ଟି ଏରୋ-ଇଞ୍ଜିନ୍ ବାୟୁସେନାକୁ ଯୋଗାଇବ । ଆଗାମୀ ୮ ବର୍ଷ ମଧ୍ୟରେ ୨୪୦ଟି ଇଞ୍ଜିନ୍ ବାୟୁସେନାକୁ ହସ୍ତାନ୍ତର କରିବ ବୋଲି ଲକ୍ଷ୍ୟ ରଖାଯାଇଛି।

## ବନ୍ଦେ ଭାରତ ଟ୍ରେନ୍

ରାଜ୍ୟରେ ଆସନ୍ତା ୧୫ ତାରିଖରୁ ଆଉ ୩ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚାଲିବ। ଟାଟାନଗର ଏବଂ ବ୍ରହ୍ମପୁର ମଧ୍ୟରେ ଚାଲିବାକୁ ଥିବା ଟ୍ରେନ୍‌ର ଗତ ରବିବାର ଦିନ ପରୀକ୍ଷାମୂଳକ ଚଳାଚଳ କରାଯାଇଥିଲା। ଅନ୍ୟପକ୍ଷରେ ପୂର୍ବତଟ ରେଳବାଇର ଜଣେ ବରିଷ୍ଠ ଅଧିକାରୀ ଆଜି ବ୍ରହ୍ମପୁର ଷ୍ଟେସନ ଯାଇ ସ୍ଥିତିର ସମୀକ୍ଷା କରିଛନ୍ତି।

ଦ୍ୱିତୀୟ ବନ୍ଦେଭାରତ ଏକ୍ସପ୍ରେସ୍ ହାଓ୍ୱଡ଼ାରୁ ରାଉରକେଲା ଏବଂ ତୃତୀୟ ବନ୍ଦେଭାରତ ଟ୍ରେନ୍ ରାୟପୁରରୁ ଖରିଆର ରୋଡ୍, କଣ୍ଟାବାଂଝି,

ଟିଟିଲାଗଡ଼, ରାୟଗଡ଼ା ଦେଇ ବିଶାଖାପଟନମ୍ ପର୍ଯ୍ୟନ୍ତ ଚାଲିବ । ପୂର୍ବରୁ ଭୁବନେଶ୍ୱର-ବିଶାଖାପାଟଣା, ପୁରୀ-ରାଉରକେଲା ଏବଂ ପୁରୀ-ହାଓ୍ୱଡା ମଧ୍ୟରେ ୩ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚାଲିଛି ।

# ସିଟି ନାମଲେଖା

ରାଜ୍ୟରେ ଆସନ୍ତା ୧୨ ତାରିଖ ଗୁରୁବାରଠାରୁ ସି.ଟି. ପ୍ରବେଶିକା ପରୀକ୍ଷା ଆରମ୍ଭ ହେବ । ପର୍ଯ୍ୟାୟକ୍ରମେ ଏହି ପରୀକ୍ଷା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏ ନେଇ ଶିକ୍ଷକ, ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ସାମ୍ସ ଓ୍ୱେବ୍‌ସାଇଟ୍‌ରେ ସୂଚନା ଦିଆଯାଇଛି । ପରୀକ୍ଷାର୍ଥୀମାନେ ନିଜର ପ୍ରବେଶପତ୍ର ଓ୍ୱେବ୍‌ସାଇଟରୁ ଡାଉନ୍‌ଲୋଡ କରିପାରିବେ ବୋଲି ପରିଷଦ ପକ୍ଷରୁ କୁହାଯାଇଛି ।

## ବିଧାନସଭା-ଏନଏସି ଘୋଷଣା ଦାବି

ଓଡ଼ିଶା ପୌର ଅଧିନିୟମ, ୧୯୫୦ ଏବଂ ଗ୍ରାମୀଣ ସହର ନୀତିରେ ଥିବା ନିୟମାବଳୀକୁ ପୂରଣ କରୁଥିବା ଅଞ୍ଚଳଗୁଡ଼ିକୁ, ଏନ.ଏ.ସି. ଭାବେ ଘୋଷଣା କରାଯିବ । ବିଧାନସଭାରେ ଆଜି ଏ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ଏହି ନିଷ୍ପତ୍ତି ନିଆଯିବ । ଗତ ନିର୍ବାଚନ ଅବ୍ୟବହିତ

ପୂର୍ବରୁ ରାଜ୍ୟରେ ଘୋଷିତ ୫୭ଟି ନୂଆ ଏନ.ଏ.ସି.ର ସ୍ଥିତି ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି, ଜିଲ୍ଲାପାଳଙ୍କ ବିନା ରିପୋର୍ଟରେ ଅତ୍ୟନ୍ତ ତରବରିଆ ଭାବେ ଏହି ୫୭ଟି ଏନ.ଏ.ସି. ଘୋଷଣା କରାଯାଇଥିଲା । ବର୍ତ୍ତମାନ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କଠାରୁ ରିପୋର୍ଟ ମଗାଯାଇଛି । ଜିଲ୍ଲାପାଳଙ୍କ ରିପୋର୍ଟ ହସ୍ତଗତ ହେବା ପରେ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ତେବେ ରାଜ୍ୟରେ ଆଉ ୧୮ଟି ନୂଆ ଏନ.ଏ.ସି. ପାଇଁ ଜିଲ୍ଲାପାଳଙ୍କଠାରୁ ରିପୋର୍ଟ ମଗାଯାଇଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ ବିଧାନସଭାରେ କହିଛନ୍ତି ।

## ବନ୍ୟା ସ୍ଥିତିରେ ସୁଧାର

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତର ରୂପ ନେଇ କ୍ରମଶଃ ଦୁର୍ବଳ ହୋଇ ଛତିଶଗଡ଼ ଆଡକୁ ଗତି କରିବା ଯୋଗୁଁ ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଇଛି । **ମାଲକାନଗିରି** ଜିଲ୍ଲାରେ ବନ୍ୟା ସ୍ଥିତିରେ ସାମାନ୍ୟ ସୁଧାର ଆସିଛି । ପୋଟେରୁ ଗ୍ରାମରେ ବନ୍ୟା ଜଳ ହ୍ରାସ ପାଇଛି । ପୋଟେରୁ-ବଦଲି ମଧ୍ୟରେ ବନ୍ୟା ଯୋଗୁଁ ସଡକ ଯୋଗାଯୋଗ ବ୍ୟାହତ ହୋଇଛି । ଜିଲ୍ଲାର ଏମ.ଭି-୭, ଏମ.ଭି-୩୭ ଓ ପାଙ୍ଗାମ ପୋଲ ଉପରେ ପ୍ରବାହିତ ଜଳ ହ୍ରାସ ପାଇଥିବାରୁ ମାଲକାନଗିରି-ଜୟପୁର, ମାଲକାନଗିରି ଠାରୁ ଚିତ୍ରକୋଣ୍ଡା ଓ ପୋଟେରୁ ପର୍ଯ୍ୟନ୍ତ ଯୋଗାଯୋଗ ସ୍ୱାଭାବିକ ହୋଇଛି । ଜଳ

ହ୍ରାସ ପାଇଥିବା ସ୍ଥାନରେ ଅଧିକାରୀମାନେ ପହଂଚି କ୍ଷୟକ୍ଷତିର ଆକଳନ କରୁଥିବା ଜଣାପଡିଛି।

ଅନ୍ୟପକ୍ଷରେ, ପୋଟେରୁ, କନ୍ୟାଶ୍ରମ, କାଙ୍ଗୁରୁକୋଣ୍ଡା, ଏମ. ଭି-୯୦ ଓ ଏମ.ଭି-୯୬ ପୋଲ ଉପରେ ଏବେ ମଧ୍ୟ ପ୍ରାୟ ୨ ଫୁଟ ଉଚ୍ଚରେ ଜଳ ପ୍ରବାହିତ ହେଉଛି। ଫଳରେ  ମାଲକାନଗିରି ଜିଲ୍ଲା ସଦର ମହକୁମାଠାରୁ କାଲିମେଲା,ମୋଟୁ ଓ ଆନ୍ଧ୍ରପ୍ରଦେଶ ଏବଂ କାଲିମେଲାଠାରୁ ପଡ଼ିଆ ବ୍ଲକ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବାୟାପଡା ନିକଟରେ ଭୁସ୍ଖଳନ ଫଳରେ ଗ୍ରାମ୍ୟ ଯୋଗାଯୋଗ ରାସ୍ତା ମଧ୍ୟ ପ୍ରଭାବିତ ହୋଇଛି।

ପ୍ରଭାବିତ ୮ଟି ଗ୍ରାମ ଓ ମାଲକାନଗିରି ପୌର ପରିଷଦର ୩ଟି ୱାର୍ଡର ପ୍ରାୟ ୧ ହଜାର ୭୦୦ ଲୋକଙ୍କୁ ୧୨ଟି ବନ୍ୟା ଆଶ୍ରୟସ୍ଥଳିକୁ ସ୍ଥାନାନ୍ତରିତ କରାଯାଇଛି। ପାଣି ଘେରରେ ଅଟକି ରହିଥିବା ୫୩ ଜଣଙ୍କୁ ଅଗ୍ନିଶ୍ରମ ବାହିନୀ ଉଦ୍ଧାର କରିଛି। ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଆଜି ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରକୁ ବନ୍ଦ ରଖାଯାଇଛି।

ଲଗାଣ ବର୍ଷା ଫଳରେ କନ୍ଧମାଳ ଜିଲ୍ଲାରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। କନ୍ଧମାଳ, ଫୁଲବାଣୀ, ଦାରିଙ୍ଗିବାଡି, କେ. ନୂଆଗାଁ ବ୍ଲକ୍ ସହ ଜିଲ୍ଲାର ବିଭିନ୍ନ ସ୍ଥାନରେ  ବର୍ଷା ଲାଗି ରହିଛି। ଜିଲ୍ଲାରେ ଥିବା ବିଭିନ୍ନ ନଦୀ ସଲୁଙ୍କୀ, ପିଲା ସାଲୁଙ୍କି ଖଡ଼ଗ, ବୃତ୍ତଙ୍ଗ ଆଦି ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି।

## ବିଧାନସଭା-ବର୍ଷା କ୍ଷୟକ୍ଷତି

ଲଗାଣ ବର୍ଷା ଯୋଗୁଁ କୋରାପୁଟ ଓ ମାଲକାନଗିରି ଜିଲ୍ଲା ଅଧିକ ପ୍ରଭାବିତ ହୋଇଛି। ମାଲକାନଗିରି ଜିଲ୍ଲାରେ ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହେବା ସହିତ ବାସଗୃହ ଭାଙ୍ଗି ଥିବା ଅଭିଯୋଗ ହୋଇଛି। ବିଧାନସଭାରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ବର୍ଷା ପ୍ରଭାବିତଙ୍କୁ କ୍ଷୟକ୍ଷତି ଭରଣା ପାଇଁ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ତାରାପ୍ରସାଦ ବାହିନୀପତି ଏହି ପ୍ରସଙ୍ଗରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟ ସରକାର କ୍ଷତିଗ୍ରସ୍ତଙ୍କୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ ଲାଗି କଂଗ୍ରେସ ନେତାମାନେ ଗୃହରେ ଦାବି କରିଛନ୍ତି।

## ଲଗାଣ ବର୍ଷା-କୋରାପୁଟ

କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବର୍ଷା କମିବା ଯୋଗୁଁ ବନ୍ୟା ପରିସ୍ଥିତିରେ ସୁଧାର ପରିଲକ୍ଷିତ ହୋଇଛି। କୋଲାବ, ବୁରୀ, କୁର୍ଲୁ ଏବଂ ଇନ୍ଦ୍ରାବତୀ ନଦୀର ଜଳସ୍ତର ହ୍ରାସ ପାଇଛି। ଜୟପୁର ସବ୍‌ଡିଭିଜନର ବିଭିନ୍ନ ଅଞ୍ଚଳରେ କ୍ଷୟକ୍ଷତିର ଆକଳନ ଆରମ୍ଭ କରାଯାଇଛି। ଏବେ ମଧ୍ୟ ବିଭିନ୍ନ ସ୍ଥାନରେ ବନ୍ୟା ଜଳ ଯୋଗୁଁ ବ୍ୟାହତ ହୋଇଥିବା ସଡକ ଯୋଗାଯୋଗ କ୍ରମଶଃ ସ୍ୱାଭାବିକ ହେଉଛି। ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ଆଜି ଜିଲ୍ଲାର ସବୁ ସ୍କୁଲକୁ ବନ୍ଦ ରଖାଯାଇଛି।

## ଆଇନ୍‌ସେବା ପ୍ରାଧିକରଣ

**ଭଦ୍ରକ** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଶ୍ରମିକଙ୍କ ସାମାଜିକ ସୁରକ୍ଷା ସମ୍ପର୍କିତ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଚରମ୍ପାଠାରେ ଆୟୋଜିତ ଏହି କର୍ମଶାଳାରେ କୁଶଳୀ ଏବଂ ଅଣକୁଶଳୀ ଶ୍ରମିକଙ୍କ ସାମାଜିକ ସୁରକ୍ଷା ଏବଂ କାର୍ଯ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ଉପରେ ଆଲୋଚନା ହୋଇଥିଲା। କର୍ମଶାଳାରେ ଶ୍ରମିକମାନଙ୍କୁ  ଶ୍ରମକାର୍ଡ ବଣ୍ଟନ କରାଯାଇଥିଲା।

## ନର୍ସିଂ ପୁନଃ ନିଯୁକ୍ତି ଦାବି

**ଗଞ୍ଜାମ** ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ କାର୍ଯ୍ୟରତ ନର୍ସିଂ କର୍ମଚାରୀମାନଙ୍କର ପୁନଃ ନିଯୁକ୍ତି ପାଇଁ ଜିଲ୍ଲା ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି।  କାର୍ଯ୍ୟରତ ନର୍ସିଂ କର୍ମଚାରୀମାନେ ଠିକା ସଂସ୍ଥା ଅଧୀନରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ବିଗତ ୪ ବର୍ଷ ଧରି ସେବା ଯୋଗାଇ ଆସୁଥିବା ନେଇ ଦାବିପତ୍ରରେ କୁହାଯାଇଛି। ପୁନଃ ନିଯୁକ୍ତି ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି।

## କେକେସୀ ରାକ୍ଷସ ବଧ

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀକୃଷ୍ଣ ଲୀଳା ପରମ୍ପରାର କେକେସୀ ରାକ୍ଷସ ବଧ ନୀତି ପାଳନ କରାଯିବ। ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ

ନୀତି ଶେଷ ହେବା ପରେ ଶ୍ରୀମଦନମୋହନ ନାଟମଣ୍ଡପକୁ ବିଜେ କରିବେ। ଏହାପରେ ରୀତିନୀତି ଅନୁଯାୟୀ, ମନ୍ଦିରରେ କେକେସୀ ବଧ ନୀତି ଅନୁଷ୍ଠିତ ହେବ। ଏହାପରେ ଠାକୁରଙ୍କୁ ଶୀତଳ ଭୋଗ ଅର୍ପଣ କରାଯାଇ ଅନ୍ୟାନ୍ୟ ନୀତିକାନ୍ତି ଅନୁଷ୍ଠିତ ହେବ। ଶ୍ରୀମନ୍ଦିରରେ ଆଜି ମଧ୍ୟ ଲଳିତା ସପ୍ତମୀ ବିଧି ପାଳନ କରାଯାଉଛି।

*********************************